# ମାଧ୍ୟମ

## ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

Institute for Social Development

4th Year | Vol. V | September 2014 - August 2018





**Satyajit Mohanty, IPS**
Commissioner of Police
Bhubaneswar- Cuttack

Tel. Off : 0674-2530035
Fax : 0674-2530001
Mob. : 8280338300
E-mail : commissioneratepolice@nic.in


## MESSAGE

I am glad to note that Maadhyam Women Support Center - a joint venture of Police Commissionerate, Bhubaneswar-Cuttack and Institute for Social Development(ISD) successfully completed 4 years in the jurisdiction of Police Commissionerate, Bhubaneswar-Cuttack.

The Maadhyam Women Support Center aims to serve those women who are subjected to various kinds of Violence. These centers are relentlessly working towards providing counselling support to distressed women and guiding them for various support services such as medical, legal, shelter homes etc.

Maadhyam in collaboration with Commissionerate Police has been serving the society in a significant manner. CLAP-Legal service Institute has also extended a helping hand to this noble cause.

Maadhyam is indeed helpful for women in distress and with the help of their professional counselling they are bringing the change in lives of the people. ISD has been rendering a great service in the field of social upliftment and empowement of women.

I congratulate all those associated with Maadhyam in this novel endeavor.

**(Satyajit Mohanty)**
Commissioner of Police
Bhubaneswar- Cuttack





# ସମ୍ପାଦକୀୟ.......

୨୦୧୪ ମସିହା ସେପ୍ଟେମ୍ବର ୩ ତାରିଖରୁ ଭୁବନେଶ୍ୱର ଡି.ସି.ପି ଅଫିସ ଓ କଟକ ମହିଳା ଥାନା ପରିସରରେ କାର୍ଯ୍ୟରତ "ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ର ଏବେ ୪ ବର୍ଷ ପୂରଣ କରିପାରିଛି । ଆପଣମାନଙ୍କର ସହଯୋଗ, ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ ପାଇଁ ମାଧ୍ୟମ ଏବେ ବି ଦୁଇଟି ଭାଙ୍ଗିଯାଉଥିବା ପରିବାରକୁ ପୁଣିଥରେ ଯୋଡିବା ପାଇଁ ତାର ଚେଷ୍ଟା ଜାରି ରଖିଛି । ଯେଉଁ ପରିମାଣର ଅଭିଯୋଗ ମାଧ୍ୟମରେ ପଞ୍ଜିକୃତ ସଂଖ୍ୟା ବଢିଚାଲିଛି, ଦେଖିଲେ ଲାଗୁଛି ମହିଳାମାନେ ସଶକ୍ତ ହୋଇପାରିଛନ୍ତି, ତାଙ୍କର ସମସ୍ୟାକୁ ଜଣାଇବା ପାଇଁ । ଘରୋଇ ହିଂସା, ଯୌନ ନିର୍ଯ୍ୟାତନା, କର୍ମକ୍ଷେତ୍ରରେ ଯୌନ ହିଂସା, ଦୁଷ୍କର୍ମ ଆଦି ଅନେକ ଘଟଣା ଏବେ ପ୍ରତ୍ୟେକ ଦିନ ଘଟିବାରେ ଲାଗିଛି । ଆଗରୁ ଯେ ଏଭଳି ଘଟଣା ହେଉନଥିଲା ତା ନୁହେଁ ବରଂ ଏସବୁ ଘଟଣାକୁ ଲୋକଲଜ୍ଜ୍ୟା, ଭୟରେ ମହିଳାମାନେ କାହା ଆଗରେ କହୁନଥିଲେ । କିନ୍ତୁ ଏସବୁରେ ପରିବ ି ନ ଆସିଲାଣି ଓ ଧିରେ ଧିରେ ଅଧିକରୁ ଅଧିକ ଘଟଣା ଗଣମାଧ୍ୟମ ଦ୍ୱାରା ଲୋକଲୋଚନକୁ ଆସିଲାଣି । ମହିଳାମାନେ ନିଃସଂକୋଚରେ ଆସି ନିଜର ସମସ୍ୟା କହିବା ଆରମ୍ଭ କଲେଣି । କେବଳ ଆମ ପାଖକୁ ନୁହେଁ, ମହିଳାମାନେ ବହୁଳ ଭାବେ ଅଭିଯୋଗକୁ ନେଇ ଥାନାକୁ ବି ଆସିବା ଆରମ୍ଭ କଲେଣି । ମହିଳାମାନଙ୍କ ସମସ୍ୟା ସମାଧାନ ପାଇଁ ଅନେକ ଆଇନ୍ ବି ଆସିଲାଣି । ମହିଳାମାନେ ଥାନା, କୋର୍ଟ, କଚେରୀ ନ ଆସି ତାଙ୍କର ସମସ୍ୟାକୁ କିଭଳି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିବ ସେଥିପାଇଁ ଆଗ୍ରହ ପ୍ରକାଶ କଲେଣି । ଯାହାଦ୍ୱାରା 'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରର ଆରମ୍ଭ ହେଲା । କମିଶନରେଟ୍ ପୋଲିସ୍ ଓ ଇନଷ୍ଟିଚ୍ୟୁଟ ଫର୍ ସୋସିଆଲ ଡେଭେଲପମେ (ଆଇ.ଏସ୍.ଡି)ର ମିଳିତ ସହଯୋଗରେ କଟକ (ମହିଳା ଥାନା) ଓ ଭୁବନେଶ୍ୱର (ଡି.ସି.ପି ଅଫିସ) ପରିସରରେ କାର୍ଯ୍ୟକରୁଥିବା ଏହି କେନ୍ଦ୍ର ଏବେ ୪ବର୍ଷ ପୂରଣ କରିଛି । ବିଗତ ୪ ବର୍ଷ ମଧ୍ୟରେ ମାଧ୍ୟମକୁ ମୋଟ୍ ୧୭୮୪ ଜଣ ମହିଳା ନିଜର ଅଭିଯୋଗ ନେଇ ଆସିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୧୪୦ ଜଣଙ୍କର ଅଭିଯୋଗ ସମାଧାନ ହୋଇପାରିଛି । ଅନ୍ୟାନ୍ୟ ତଥ୍ୟ ଆପଣମାନଙ୍କ ଅବଗତି ନିମନ୍ତେ ଏହି ଅପଡେଟ୍ ମାଧ୍ୟମରେ ପ୍ରକାଶ କରୁଛୁ ।

ଏବେ ମାଧ୍ୟମର କାର୍ଯ୍ୟ ପରିସର କେବଳ ଭୁବନେଶ୍ୱର-କଟକରେ ସିମୀତ ନାହିଁ । ଅନେକ ଅଭିଯୋଗ ରାଜ୍ୟ, ଜିଲ୍ଲା ଓ ଜିଲ୍ଲା ବାହାରୁ ମଧ୍ୟ ଆସିବାରେ ଲାଗିଛି । ଇ ରନେଟ୍, ସୋସିଆଲ ମେଡିଆ ମାଧ୍ୟମରେ ଅଭିଯୋଗଗୁଡ଼ିକ ଆମ ପାଖେ ସହଜରେ ପହ ଯାଉଛି । ଅନେକ ସମୟରେ ଦେଖାଯାଇଛି ଗୋଟିଏ ଗୋଟିଏ କେସ୍ ଦୁଇ ତିନି ଦିନରେ ସମାଧାନ ହୋଇଯାଉଥିବା ବେଳେ, ଆଉ କେତେ ଘଟଣା ସପ୍ତାହେ, ଦୁଇ ସପ୍ତାହ ବା ମାସେ ପର୍ଯ୍ୟନ୍ତ ଚାଲିଯାଉଛି । ବରଂ ଏଥିରେ ଆମ ପରାମର୍ଶଦାତ୍ରୀମାନେ ବିଚଳିତ ହୁଅନ୍ତି ନାହିଁ, ଯେତେ ସମୟ ନିଅନ୍ତୁ ପଛେ କିଛି ଗୋଟେ ସମାଧାନର ବାଟ ଖୋଲି ଯାଉ ଏହା ହେଉଛି ଆମର ଉଦ୍ଦେଶ୍ୟ ।

ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଁ ପ୍ରଥମେ ଧନ୍ୟବାଦ ଦେବି ପୂର୍ବତନ ପୋଲିସ କମିଶନର ତଥା ବର୍ତ୍ତମାନର ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ । ଧନ୍ୟବାଦ ଦେବି ପୋଲିସ କମିଶନର ଶ୍ରୀଯୁକ୍ତ ସତ୍ୟଜିତ୍ ମହାନ୍ତିଙ୍କୁ, ଯାହାଙ୍କର ବିନା ସହଯୋଗରେ 'ମାଧ୍ୟମ' ଆଗକୁ ଯିବା ଅସମ୍ଭବ । ଧନ୍ୟବାଦ ଦେଉଛି ସମସ୍ତ ପୋଲିସ ପ୍ରଶାସନ ତତ୍‌ସହିତ କ୍ଲାପ-ଲିଗାଲ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁଟ୍, ଗଣମାଧ୍ୟମ, ବ୍ୟକ୍ତି ବିଶେଷ ଏବଂ ସାମାଜିକ ଅନୁଷ୍ଠାନ ଯେଉଁମାନେ ଆମକୁ ସହଯୋଗର ହାତ ବଢ଼ାଉଛନ୍ତି । ଶେଷରେ ଧନ୍ୟବାଦ ଦେବି 'ମାଧ୍ୟମ'ରେ କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କୁ ଯେଉଁମାନଙ୍କର ଧୈର୍ଯ୍ୟ ଓ ଅକ୍ଳାନ୍ତ ପରିଶ୍ରମ ଅନେକ ଗୁଡ଼ିଏ ଉଜୁଡ଼ି ଯାଉଥିବା ସଂସାରକୁ ସଜାଡ଼ି ପାରିଛି । ଆଶା ଆଗାମୀ ଦିନମାନଙ୍କରେ ଆପଣମାନଙ୍କର 'ମାଧ୍ୟମ' ପ୍ରତି ଥିବା ଭରସା ଅତୁଟ ରହିବ ।

**ଶୁଭଶ୍ରୀ ଦାସ**
ନିର୍ଦ୍ଦେଶିକା, ଆଇ.ଏସ୍.ଡି



**Anup Kumar Sahoo, IPS**
Dy. Commissioner of Police
Bhubaneswar

Dy. Commissioner of Police
Vani Vihar Square
Bhubaneswar- 751022
Ph. : 0674-2540555, Fax : 0674-2540444

# MESSAGE

I am glad to know that Institute for Social Development (ISD), Bhubaneswar is bringing out a report of its two Maadhyam Women Support Centers located at Bhubaneswar and Cuttack carrying about valuable information about the Centers which would be presented before the print and electronic media.

I wish the report will play a vital role in helping the women in redressing their issues.

**(Anup Kumar Sahoo)**
Dy. Commissioner of Police
Bhubaneswar



Dy. Commissioner of Police , Cuttack
+91-671-23000570 (O), +91-671-2304294 (F)
e-mail: dcpcuttack@nic.in

**Akhileshvar Singh, IPS**
Dy. Commissioner of Police
Cuttack

# MESSAGE

**"Maadhyam Women Support Center"** a joint initiative of Police Commissionerate, Bhubaneswar-Cuttack and Institute for Social Development(ISD), is one exemplary step towards Women Emancipation & Empowerment.

During four years of its inception, "Maadhyam" has resolved many women related issues and enriched family values in Cuttack and Bhubaneswar. Thus, I hope the initiative of "Maadhyam" reach new heights in the years to come.

May the next chapter be a glorious one.

**Akhileshvar Singh**
Dy. Commissioner of Police
Cuttack




**Dr. Bikash Das**
President
CLAP Legal Service Institute
Cuttack



CLAP - Legal Service Institute
Bimala Devi Memorial Building
367, Markat Nagar, Sector-6
Cuttack-753014,
Ph. : 0671-2363980


It is a matter of great pleasure to know that ISD is bringing out a special bulletin on Maadhyam - Women Support Center for the period September 2014 to August 2018. From 2018 Legal Service Institute extend its support to ISD for running of Maadhyam - Women Support Center in Commissionerate Police, Bhubaneswar- Cuttack. The decision to support Maadhyam was made to strategically reach out to women who are suffering injustice and also subjected to various kinds of gender based violence in a Right based Approach. The CLAP Legal Service Institution over last 35 years since its inception in 1982 develops various innovative model to reach out the people who are suffering injustice and subjected to violence.

We realized that the issues of women pertaining to violence are often overlooked or doesn't come to the notice as such incidents occurred mostly in invisible pockets. When women are subjected to violence the last option they have before them is approaching police to intervene in their case. This understanding lead us to support Maadhyam - Women Support Center to extend support to women when they are in apprehension in danger or at risk or already survived violence. Giving Access to Justice to such women is paramount in our agenda. Accordingly CLAP is really privileged to collaborate with ISD to run Maadhyam - Women Support Center in Bhubaneswar- Cuttack Police Commissionerate . In fact it is a best example of Government NGO partnership improving the situation of women.

We understand that Maadhyam as an innovative model to deal with Gender Concerns has substantially impacted women of Bhubaneswar and Cuttack City, who have undergone violence with the launching of Maadhyam a milestone has been accomplished where a model has been created which has potentially to scale and replication.

I wish Maadhyam - Women Support Center, ISD, Commissionerate Police Bhubaneswar Cuttack good luck to bring about change in the lives of women.

**Dr. Bikash Das**




**Snigdharani Panigrahi**
Advocate, Former Member of
State Women Commission


I am very happy to know that Maadhyam Women Support Center is completed 4 years. A big three cheers & heartiest congratulations. This Support Center always been on the top of the list for serving the community and giving unselfish services. A center like this with a brilliant team of dedicated workers and with a friendly work environment can only aim for high results.

With commitment and sincerity Maadhyam center have time to time proved its worth and have gained the much deserved recognition and fame. With the intervention of expert counsellors's services, the community has gained a lot. Many legal disputes got settled at pre litigation time. Aim of the center to save the women from harassment & always kept satisfaction as its priority and have never resorted to any wrong means for any work.

I wish you all the success for many more years to come.

**Snigdharani Panigrahi**

# ମତାମତ



**Iman Kalyan Nayak**
IIC Mahila P.S
Bhubaneswar

୪ ବର୍ଷ ପୂର୍ତ୍ତି ଅବସରରେ 'ମାଧ୍ୟମ' କୁ ମୋର ଅଶେଷ ଅଶେଷ ଶୁଭେଚ୍ଛା ଓ ଶୁଭକାମନା । ଏହି ୪ବର୍ଷ ମଧ୍ୟରେ 'ମାଧ୍ୟମ' ଅନେକ ସଫଳତାର ଶ୍ରେୟ ନେଇଛି । ବୁଝାମଣା ଦ୍ୱାରା ଯେ ଜଣେ ବର୍ବର ଲୋକ ଭଦ୍ରଲୋକରେ ପରିଣତ ହୋଇପାରିବ ତାହା 'ମାଧ୍ୟମ' ପ୍ରମାଣ କରିପାରିଛି । ପରାମର୍ଶ ମାଧ୍ୟମରେ ଅନେକ ପରିବାରକୁ ଭାଙ୍ଗିଯିବାରୁ ରକ୍ଷା କରାଯାଇ ପାରୁଛି ଯାହାକି ପୁଲିସ ନିକଟରେ କେସ ପଞ୍ଜୀକୃତ ହେଲେ ସୁଦ୍ଧା ସମ୍ଭବ ହୋଇ ପାରେନାହିଁ । 'ମାଧ୍ୟମ' ପ୍ରକୃତ ଅର୍ଥରେ ସମାଜ ଓ ପୁଲିସ ମଧ୍ୟରେ ଦୂରତା କମାଇବାରେ ସାହାଯ୍ୟ କରୁଛି । ତା'ର ଏହି ପ୍ରୟାସ ଜାରି ରଖିବ ବୋଲି ମୁଁ ଆଶା କରୁଛି । 'ମାଧ୍ୟମ' ର ସମସ୍ତ ସଦସ୍ୟଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।

**ଇମନ କଲ୍ୟାଣ ନାୟକ**



**Anusuya Nayak**
IIC Mahila P.S
Cuttack UPD

I extended my heartiest congratulations to the Women Support Center **"Maadhyam"** on the occasion of completion of four years successful journey. The excellent counsellors and their endeavour help in reducing the cases substantially and the counsellors provide safe and confidential for survivors to express their feelings and emotions without any fear. They help survivors to find out possibilities to move on. The Maadhyam Center is not only a center for victims but also an indispensable resource for our department.

**Anusuya Nayak**



**Dr. Seba Mohapatra**
Senior Obst. & Gynaec. Specialist
Former Director Health Services
Odisha

ଆଇ.ଏସ୍.ଡିର ଯେତେ କାର୍ଯ୍ୟକ୍ରମ ଚାଲିଛି 'ମାଧ୍ୟମ' ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏଇଭଳି ଏକ କେନ୍ଦ୍ର ଭୁବନେଶ୍ୱର କଟକରେ ଖୋଲିବାର ଆବଶ୍ୟକତା ଥିଲା । ସେତେବେଳର ପୋଲିସ କମିଶନର ଓ ବ ର୍ମାନର ପୋଲିସ ମହାନିର୍ଦ୍ଦେଶକ ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ଯେଉଁ ଉଦ୍ଦେଶ୍ୟ ନେଇ ଏହିଭଳି କାର୍ଯ୍ୟକ୍ରମ ହାତକୁ ନେଲେ ଏବେ ସେ ଜାଣି ଖୁସି ହେଉଥିବେ 'ମାଧ୍ୟମ' ଠିକ ତାଙ୍କର ଚିନ୍ତାଧାରାରେ କାର୍ଯ୍ୟକରି ଆସୁଛି । ଅବଶ୍ୟ ସେ ସେତେବେଳେ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ପିଙ୍କ ଅଟୋ ସେବା ଓ ମୋ ସାଥୀ ଆପ୍ ଭଳି ଅନେକ ସୁବିଧା ଯୋଗାଇ ଦେଇଥିଲେ, କିନ୍ତୁ ମୁଁ କେବଳ ମଝିରେ ମଝିରେ 'ମାଧ୍ୟମ' ବିଷୟରେ ହିଁ ଶୁଣୁଛି । କେତେଜଣଙ୍କୁ ପଚାରେ ପିଙ୍କ ଅଟୋ କଥା, ଆଶା ବାହାରେ ଉ   ର ମିଳେ । ସେ ଯାହାହେଉ ମାଧ୍ୟମ ଆହୁରି ଅନେକ ଦିନ କାମ କରୁ । ମହିଳାମାନଙ୍କୁ ସେବା ଯୋଗାଇ ଦେଇ ଆସୁଥିବା ଏହି ଦୁଇଟି କେନ୍ଦ୍ରକୁ ପୋଲିସ ପ୍ରଶାସନ ତରଫରୁ ସମସ୍ତ ସହଯୋଗ ମିଳୁ ।

**ଡଃ ସେବା ମହାପାତ୍ର**



**ନିବେଦିତା ପଟ୍ଟନାୟକ**
ସଭାପତି, ଆଇ.ଏସ୍.ଡି

# ମହିଳାଙ୍କୁ ସୁରକ୍ଷା ଦେବାରେ ମାଧ୍ୟମର ଭୂମିକା.........

ଉଚ୍ଚଶିକ୍ଷା ବିଭାଗରେ ଡେପୁଟି ଡାଇରେକ୍ଟର ମୋର ସମ୍ପର୍କୀୟ ଦିନେ ମତେ ଫୋନ କରି କହିଲେ "ତମେ ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ କେନ୍ଦ୍ର ଖୋଲିଛ ପରା, ଜଣେ ମହିଳା ସିଜୋଫେନିଆ ରୋଗୀ ଯିଏ ଏବେ ଅବସର ନେବାକୁ ଯାଉଛନ୍ତି। ତାଙ୍କ ପଇସା ନେବା ପାଇଁ ତାଙ୍କ ପରିବାର ଲୋକ ତାଙ୍କୁ ବହୁତ ନିର୍ଯ୍ୟାତନା ଦେଉଛନ୍ତି। ତମେ ଟିକେ ସେ ମହିଳାଙ୍କୁ ସାହାର୍ଯ୍ୟ କରନ୍ତନି। ସେଇ ମହିଳାଙ୍କୁ ଭୁବନେଶ୍ୱର ମାଧ୍ୟମ କେନ୍ଦ୍ରକୁ ପଠାଇବା ପାଇଁ କହିଲି। ତାଙ୍କର ଫୋନ ଶୁଣି ମତେ ବହୁତ ଖୁସି ଲାଗିଲା ଯେ "ମାଧ୍ୟମ" ଚାରିବର୍ଷ ଭିତରେ ଅନେକ ଯାଗାରେ ପହ ୍ଯାଇଛି ଆଉ ଲୋକଙ୍କର ତା ଉପରେ ବିଶ୍ୱାସ ବି ଆସିଯାଇଛି ଶେଷରେ ମହିଳାଙ୍କୁ ସୁରକ୍ଷା ଦେବାରେ ମାଧ୍ୟମ ଏକ ଗୁରୁତ୍ୱପୁର୍ଣ୍ଣ ଦାୟୀତ୍ୱ ନିଭାଇଛି।

ଆଇ.ଏସ୍.ଡି ର କାର୍ଯ୍ୟକ୍ରମ ସାଙ୍ଗରେ ମୁଁ ଅନେକ ଦିନରୁ ଜଡିତ ରହିଛି। ମହିଳାଙ୍କୁ ସବୁକ୍ଷେତ୍ରରେ କିପରି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପାଇଁ ଗୋଟେ ମହିଳା ଅନୁଷ୍ଠାନ ଭାବରେ ଆଇ.ଏସ୍.ଡି କାର୍ଯ୍ୟ କରିଆସୁଛି। ମହିଳା ଚାଲାଣ. ଏସିଡ ଆକ୍ରମଣ, ବାଲ୍ୟବିବାହ, କାର୍ଯ୍ୟକ୍ଷେତ୍ରରେ ଯୌନଶୋଷଣ, କିଶୋରୀ ବାଳିକାଙ୍କ ଜୀବନଚକ୍ର ଶିକ୍ଷା ଇତ୍ୟାଦି ଉପରେ ଆଇ.ଏସ୍.ଡି କାର୍ଯ୍ୟ କରୁଥିଲେ ବି ଘରୋଇ ହିଂସାରୁ ମହିଳାଙ୍କୁ କିପରି ରକ୍ଷା କରାଯାଇପାରିବ ତା ଉପରେ ବେଶି କାର୍ଯ୍ୟକ୍ରମ ଜାରିରହିଛି। କିନ୍ତୁ ସବୁ କାର୍ଯ୍ୟକ୍ରମ ମଧ୍ୟରୁ ପୋଲିସ ସହାଭାଗିତାରେ ଚାଲୁଥିବା ଏହି କାର୍ଯ୍ୟକ୍ରମ ଏବେ ଏକ ମାଇଲଖୁ   ସଦୃଶ୍ୟ। ବିଗତ ଚାରି ବର୍ଷ ମଧ୍ୟରେ ଅନେକ ଗୁଡ଼ିଏ ଉଜୁଡ଼ି ଯାଉଥିବା ସଂସାରକୁ ଏକାଠି କରିବାରେ 'ମାଧ୍ୟମ' ସଫଳ ହୋଇଛି।

ମାଧ୍ୟମ ଗଠନ ହେବା ପରେ ଘରୋଇ ହିଂସା ପୀଡିତା ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଥାନାକୁ ନଯାଇ 'ମାଧ୍ୟମ'କୁ ଆସୁଛନ୍ତି। କଟକ, ଭୁବନେଶ୍ୱର ଦ୍ୱୈତନଗରୀରେ ମାଧ୍ୟମ କାମ କରୁଥିଲେ ବି ପାଖ ଆଖ ଜିଲ୍ଲା, ଗାଁ ଗହଳିରୁ ଅନେକ ଘଟଣା ମଧ୍ୟ ମାଧ୍ୟମକୁ ଆସୁଛି। ଅନେକଙ୍କର ଧାରଣା କେବଳ ନିମ୍ନ ବର୍ଗର ମହିଳାମାନେ ଘରୋଇ ହିଂସାର କେସ୍ ଗୁଡିକ ଲୋକ ଲୋଚନକୁ ଆଣିଥାନ୍ତି କିନ୍ତୁ ଆମେ ଯଦି ମାଧ୍ୟମର କେସ ରେକର୍ଡ ଦେଖିବା ଉଚ୍ଚ ମଧ୍ୟବି   ଓ ଉଚ୍ଚ ଶିକ୍ଷିତା ଝିଅ ବା ମହିଳାମାନେ ଅନେକ ମାତ୍ରାରେ ନିଜ ନିଜର ସମସ୍ୟା ନେଇ ଏଠାକୁ ଆସିଛନ୍ତି। କର୍ମଚାରୀ ସଂଖ୍ୟା କମ ସାଙ୍ଗକୁ କାର୍ଯ୍ୟର ଅନେକ ଚାପ ପୋଲିସ ଉପରେ ରହୁଥିବାରୁ ଘରୋଇ କଳିକୁ ସମାଧାନ କରିବାକୁ ସେମାନଙ୍କ ପାଖରେ ସମୟ କମ ତେଣୁ ଅନେକ ଯାଗାରେ ଥାନା ଅଧିକାରୀମାନେ ଘରୋଇ ହିଂସା କେସ୍ ଗୁଡିକୁ ସମାଧାନ ପାଇଁ 'ମାଧ୍ୟମ'କୁ ପଠାଉଛନ୍ତି। ମୋ ଜାଣିବାରେ ଶତ ପ୍ରତିଶତ ନହେଲେ ବି ୯୫% ଘଟଣାରେ ମାଧ୍ୟମ ସଫଳ ହୋଇଛି। ମାଧ୍ୟମରେ ଉଭୟ ପକ୍ଷର ଲୋକଙ୍କୁ ଡାକି ବୁଝାସୁଝା କରାଯାଏ, ଥରକରେ ନହେଲେ ବାରମ୍ବାର ଉଭୟପକ୍ଷକୁ ଡକାଯାଇ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯାଏ। ମୁଁ ନିଜେ ଅନେକ ଘଟଣାରେ ବସିଛି, ଦେଖିଛି ପରାମର୍ଶଦାତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମ, ସେମାନେ ଘଟଣାଟିକୁ ପୁରାମାତ୍ରାରେ ସମାଧାନ ନ କରିବା ପର୍ଯ୍ୟନ୍ତ ଛାଡନ୍ତି ନାହିଁ। ଦୀର୍ଘ ୪ବର୍ଷରେ ନିରବଚ୍ଛିନ୍ନ ଭାବରେ ମାଧ୍ୟମ ତା ଦାୟିତ୍ୱ, କ ର୍ବ୍ୟ ତୁଲାଇ ଚାଲିଛି, ଏହି ୪ବର୍ଷରେ ଅନେକ ମହିଳାଙ୍କ ଭାଙ୍ଗିଯାଇଥିବା ସଂସାରକୁ ରକ୍ଷା କରାଯାଇଛି। ବହୁ ମହିଳାଙ୍କୁ ହିଂସା ପୁର୍ଣ୍ଣ ଜୀବନରୁ ଉଦ୍ଧାର କରି ହସଖୁସିର ସଂସାରରେ ବ ିବା ପାଇଁ ରାସ୍ତା ଦେଖାଇଛି। ଅନେକ ଶିଶୁ ବିଭାଜିତ ପରିବାରରେ ଜୀବନ ବିତାଇବାରୁ ରକ୍ଷାପାଇଛନ୍ତି। ସର୍ବୋପରି ସମାଜରେ ମିଳିମିଶି ସ୍ୱାମୀ/ସ୍ତ୍ରୀ ଏକ ସୁସ୍ଥ, ସୁନ୍ଦର ପରିବାର ଗଠନ ଦିଗରେ ମାଧ୍ୟମ ସମ୍ପୂର୍ଣ୍ଣ ସହଯୋଗ କରିଛି। ଯେଉଁମାନେ ସୁଖରେ ଘର ସଂସାର କରିଛନ୍ତି ସେମାନେ ଯେତେବେଳେ ମାଧ୍ୟମକୁ ଧନ୍ୟବାଦ ଦେଉଛନ୍ତି ମାଧ୍ୟମ ପାଇଁ ସେମାନେ ଜୀବନରେ କଣ ପାଇଛନ୍ତି କହୁଛନ୍ତି ଶୁଣିବାକୁ ବେଶ ଭଲ ଲାଗୁଛି ଆଉ ଆନନ୍ଦିତ ହେଉଛୁ ଏଥିପାଇଁ ଯେ 'ମାଧ୍ୟମ' ଗଠନ ହେବାର ସ୍ୱପ୍ନ ସାର୍ଥକ ହୋଇଛି।

**ନିବେଦିତା ପଟ୍ଟନାୟକ**

# ସଂକ୍ଷିପ୍ତରେ ମହିଳା ସହଯୋଗ କେନ୍ଦ୍ର "ମାଧ୍ୟମ"

ଏହା ଏକ ପରାମର୍ଶ କେନ୍ଦ୍ର । ପରିବାର ତଥା ବାହାରେ ବିଭିନ୍ନ ପ୍ରକାର ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦେଇ ସମସ୍ୟାର ସମାଧାନ କରାଇବା ।

୩ ସେପ୍ଟେମ୍ବର ୨୦୧୪ ମସିହାରୁ ଭୁବନେଶ୍ୱର ଡି.ସି.ପି ଅଫିସ ଓ କଟକ ମହିଳା ଥାନା ପରିସରରେ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେ (ଆଇ.ଏସ୍.ଡି) ଓ କମିଶନରେଟ ପୋଲିସର ମିଳିତ ଉଦ୍ୟମରେ କାର୍ଯ୍ୟ କରି ଆସୁଛନ୍ତି ।

ଏହି କେନ୍ଦ୍ର ଦୁଇଟି କଟକ ଓ ଭୁବେଶ୍ୱରରେ ଅବସ୍ଥାପିତ ଦୁଇଜଣ ଡି.ସି.ପିଙ୍କ ପ୍ରତ୍ୟେକ୍ଷ ତ ୍ୱାବଧାନରେ କାର୍ଯ୍ୟ କରେ ।

ପରାମର୍ଶ ପାଇଁ ଆଇ.ଏସ୍.ଡି ତରଫରୁ ପ୍ରତି କେନ୍ଦ୍ରରେ ଦୁଇଜଣ ପରାମର୍ଶଦାତ୍ରୀ (Counsellor) ଙ୍କୁ ନିଯୁକ୍ତି ଦିଆଯାଇଛି ।

ସୁରକ୍ଷା ଦୃଷ୍ଟିରୁ ପୋଲିସ ବିଭାଗ ତରଫରୁ ୨ ଜଣ ମହିଳା ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି ।

ପରାମର୍ଶ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥାଏ ।

ଯଦି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇ ନପାରେ ତେବେ କୋର୍ଟ ଓ ଥାନାର ସାହାର୍ଯ୍ୟ ନେବା ଦିଗରେ ସେମାନଙ୍କୁ ସବୁପ୍ରକାର ସହାୟତା ଦିଆଯାଇଥାଏ ।

ଦରକାର ସମୟରେ ସଠିକ ତଥ୍ୟ ଓ ସମସ୍ୟା ସମାଧାନ ପରର ସ୍ଥିତି ପରଖିବା ପାଇଁ ପରାମର୍ଶଦାତ୍ରୀମାନେ ନିକଟସ୍ଥ ଥାନାର ସହାୟତା ନେଇ ଗୃହ ପରିଦର୍ଶନ କରିଥାନ୍ତି ।

ପିଡୀତାଟିକୁ ଡାକ୍ତରୀ ସୁବିଧା, ଆଇନ ସହାୟତା, ଆର୍ଥିକ ସ୍ୱାବଲମ୍ବୀ କରାଇବାରେ ଏହି କେନ୍ଦ୍ର ବିଶେଷ ଭୂମିକା ପଦର୍ଶନ କରିଥାଏ ।

ଏହା ବ୍ୟତୀତ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ଲୋକ ଜାଣିବା ଓ ଜନସାଧାରଣଙ୍କ ଭିତରେ ପୋଲିସ ପ୍ରତି ଥିବା ଭୟକୁ ଦୂର କରିବା ନିମନ୍ତେ କମିଶନରେଟ୍ ପୋଲିସର କାର୍ଯ୍ୟପରିଧି ଭିତରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସାଧାରଣ ଓ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟରେ ଏକ ପ୍ରଶ୍ନୋ ରଭି ିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥାଏ ।

**ମାଧ୍ୟମକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ ।**


## Acknowledgement

We are grateful to CLAP - Legal Service Institute, Cuttack for their financial support to running of Maadhyam Women Support Center in Bhubaneswar & Cuttack.

We would like to specially acknowledge Mr. Akhileshvar Singh, DCP, Cuttack, Mr. Anup Kumar Sahoo, DCP, Bhubaneswar, all the Advisory Body Members of Maadhyam for their support and encouragement for functioning of Maadhyam Women Support Center.

# Maadhyam 4 years at a Glance

## September 2014 - August 2018

The Police Commissionerate, Bhubaneswar- Cuttack in collaboration with Institute for Social Development (ISD) has set up Maadhyam – The Women Support Center ( WSC) for Women who are subjected to violence. We have completed 4 years for carrying forth of this programme. The 2 centers are relentlessly working towards providing counselling support to distressed women and linking them with various support services like medical, legal, shelter homes and economic opportunities.

The Maadhyam Women Support Center was inaugurated on the 3rd of September 2014 by the former Director General of Police, Mr. Sanjiv Marik (IPS), Mr. Saswat Mishra (IAS), former Commissioner cum Secretary, Department of Women Child Development, Government of Odisha, Dr. R.P Sharma (IPS) former Commissioner of Police, Bhubaneswar and Cuttack and many eminent women's right organisation, media personalities along with police personnel were part of this event.

The woman survivor of any kind of Violence requires support services in the form of counselling, legal aid, medical support, shelter and livelihood linkages in her critical situation for survival, the center offers the following assistance in the following manner-

**Counselling-** Counselling is a regular process involves a one-to-one professional relationship between the counsellor and counselee. The counsellor in-charge of Women Support Center deals with the cases. An attempt is made first to help the aggrieved person to open up her feelings before the counsellor. Then the counsellor plans out its future course of action and also informs the survivors about the various types of services provided by the Center. Individual counselling, Joint Counselling and Group Counselling has been done by the Counsellors to resolve the matter.


**Service of Notice-** After received the application from the survivor the counsellors contacted over telephone to opposite party, in case the accused doesn't respond or ignore to the telephone call then after the notice sent by the Center. After repeated reminders, if the opposite party doesn't respond then a letter of request issued to the local police station to make the concerned person/s appear on due date.

**Home Visit -** The Counsellors also carries out home visits to the survivor's home. The purpose is to follow-up the settled cases, collect more and accurate information, interact with the community, send reminders those accused who have been avoiding the notice sent by the Center. Usually, the home visits carried out with the help of local police station. However, home visits are limited to jurisdiction of Commissionerate of Police Bhubaneswar and Cuttack only.

## Maadhyam Sept-2014- August 2018 - Case Registration Details

During September 2014 to August 2018 a total of 1784cases were registered by the Maadhyam, Bhubaneswar- Cuttack. Out of 1784 cases 1666 no. of women were survivors of Domestic violence. The details of type of registered cases given below-


| Types of Cases | Nos. |
|---|---|
| Domestic Violence | 1666 |
| False promise of Marriage | 39 |
| Sexual Harrassment at Workplace | 2 |
| Molestation /Eve Teasing/ Stalking | 22 |
| Cyber crime | 8 |
| Adultery | 47 |




In all these 1784 cases 433 individual meetings 2144 Joint meetings and 1514 Group meetings were held with the women or the other party (husband, in-laws, Community people and relatives) to understand the situation and also provide the development counseling as an empowerment process.

Out of 1784 registered cases 1140 cases have been reconciliation through counselling. Apart from counseling alternative support services were also provided to many of them like shelter, free legal aid and livelihood. The details of alternative support services provided to the survivors given below –


| Alternative support services | Nos. |
|---|---|
| Reconciliation | 1140 |
| Shelter home | 27 |
| Medical support | 34 |
| Free Legal Aid Services | 121 |
| DIR Through Protection Officer | 30 |
| Livelihood | 15 |




**Socio- economic background of the survivors-** During this period out of 1784 register cases 830 no. of women coming from General caste, 422 women from Schedule Caste, 23 women from Schedule tribe, 28 from Christian community, 179 women from Muslim community and 302 women from other back ward caste. Out of 1784 women 1039 women were belonged to the below poverty line (BPL) and 336 above poverty line (APL) category registered their cases.

**The Educational Background of the Survivor as follows:**

| Education | Nos. |
|---|---|
| Illiterate | 62 |
| Able to read and write | 104 |
| Primary | 295 |
| Secondary | 588 |
| Intermediate | 199 |
| Graduation | 256 |
| Post-graduation | 88 |
| Professional Qualification | 192 |



**Age Group -** It was observed that around 18 survivors less than 18 years of age, 668, women were within the age group of 18-25 years.  845 from the age group of 26 to 40 years.  It is also to be noted that183 women from the age group of above 41 to 55 years and 70 women from more than 55 years came to the Women Support Centre for support.

**Cases reference by -** Out of 1784 cases 1387 survivors referred by local police stations, 79 approach by self, 35 by  Media personnels, 25 by Relatives of survivors , 105 women organisations , 30 Lawyers , 25 survivors approach centre by ex-client, 03 from Sakhi one stop crisis centre  03 by CWC members,  09 from 181 women help line and 83 survivors approach through social media / other sources.

## ପାରିବାରିକ ହିଂସା ସମ୍ବନ୍ଧୀୟ ପରିସଂଖ୍ୟାନ


ମାଧମରେ ମୋଟ ପଞ୍ଜିକୃତ ହୋଇଥିବା ମହିଳା ସମ୍ବନ୍ଧୀୟ ଅଭିଯୋଗ ମଧ୍ୟରୁ ପାରିବାରିକ ହିଂସା ଅଧିକ । ଏପରିକି ସମୁଦାୟ ଅଭିଯୋଗ ମଧ୍ୟରୁ ଅଧିକ ହେଉଛି ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ । ନିମ୍ନରେ ସଂକ୍ଷେପରେ କେସ୍ ପଞ୍ଜିକୃତ ସ୍ଥିତି ଦିଆଗଲା ।

| ପ୍ରକାର | ଭୁବନେଶ୍ୱର | କଟକ |
|---|---|---|
| ମୋଟ ପଞ୍ଜିକୃତ କେସ୍ ସଂଖ୍ୟା | ୭୭୫ | ୧୦୦୯ |
| ପାରିବାରିକ ହିଂସା | ୭୩୦ | ୯୩୬ |
| ମୋଟ ସମାଧାନ | ୪୬୫ | ୬୭୫ |
| ଆଇନ ସହାୟତା | ୬୫ | ୫୬ |
| ଡାକ୍ତରୀ ସହାୟତା | ୨୬ | ୮ |
| ଆର୍ଥୀକ ସ୍ୱାବଲମ୍ବୀ | ୯ | ୬ |

### ପାରିବାରିକ ହିଂସା

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ସ୍ୱାମୀ ଠାରୁ ମାଡ ଖାଇବା | ୩୦୨ |
| ଅତ୍ୟାଚାର ଓ ହଇରାଣ ହରକତ କରିବା | ୬୮୨ |
| ଶାଶୁ ଘରୁ ତଡିଦେବା | ୩୨୬ |
| ପରିତ୍ୟକ୍ତ ହେବା | ୧୬୨ |
| ଯୌନ ନିର୍ଯ୍ୟାତନା | ୫୬ |
| ବିଧବା ଉପରେ ଅତ୍ୟାଚାର | ୩୨ |
| ବୃଦ୍ଧ ପିତାମାତାଙ୍କୁ ଅତ୍ୟାଚାର ଓ ଅବହେଳା | ୫୬ |
| ଅନ୍ୟାନ୍ୟ | ୫୦ |

### ମୋଟ ପଞ୍ଜିକୃତ ସଂଖ୍ୟା



(୨୦୧୮ ଅଗଷ୍ଟ ମାସ ପର୍ଯ୍ୟନ୍ତ)

## ୨୦୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା କେସ୍ ସଂଖ୍ୟା

### ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୦୫ |
| ୦୨ | ଚନ୍ଦ୍ରଶେଖରପୁର | ୦୬ |
| ୦୩ | ନନ୍ଦନକାନନ | ୦୪ |
| ୦୪ | ନୟାପଲ୍ଲୀ | ୦୭ |
| ୦୫ | ଖଣ୍ଡଗିରି | ୨୩ |
| ୦୬ | ତମାଣ୍ଡୋ | ୦୦ |
| ୦୭ | ଚନ୍ଦକା | ୦୨ |
| ୦୮ | ଜଟଣୀ | ୦୩ |
| ୦୯ | ଶହିଦ ନଗର | ୩୬ |
| ୧୦ | ଖାରବେଳ ନଗର | ୦୩ |
| ୧୧ | ମଟେ ଶ୍ୱର | ୧୨ |
| ୧୨ | ଲକ୍ଷ୍ମୀସାଗର | ୧୩ |
| ୧୩ | ଧଉଳି | ୦୬ |
| ୧୪ | ଏୟାରଫିଲଡ୍ | ୧୨ |
| ୧୫ | ଶ୍ରୀଲିଙ୍ଗରାଜ | ୧୧ |
| ୧୬ | କ୍ୟାପିଟାଲ | ୦୫ |
| ୧୭ | ବାଲିଅନ୍ତା | ୦୫ |
| ୧୮ | ବାଲିପାଟଣା | ୦୧ |
| ୧୯ | ବରଗଡ | ୦୪ |
| ୨୦ | ମହିଳା ଥାନା | ୨୨୮ |
| ୨୧ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୫୭ |
| ୨୨ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୩ |
| ୨୩ | ଅନ୍ୟାନ୍ୟ | ୦୯ |
| | ମୋଟ | ୪୬୫ |

### କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୩ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟେନ୍ମେ ୍ | ୦୦ |
| ୦୪ | କଟକ ସଦର | ୦୫ |
| ୦୫ | ମହିଳା ଥାନା | ୮୮୦ |
| ୦୬ | ବିଡାନାସୀ | ୦୨ |
| ୦୭ | ଲାଲବାଗ୍ | ୦୧ |
| ୦୮ | ମଧୁପାଟଣା | ୦୨ |
| ୦୯ | କନ୍ଦରପୁର | ୦୩ |
| ୧୦ | ଚୌଦ୍ୱାର | ୦୨ |
| ୧୧ | ଚାଉଳିଆଗଞ୍ଜ | ୦୧ |
| ୧୨ | ମର୍କତ ନଗର | ୦୧ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୦୩ |
| ୧୫ | ଦରଘା ବଜାର | ୦୦ |
| ୧୬ | ଜଗତପୁର | ୦୦ |
| ୧୭ | ବାଦାମବାଡ଼ି | ୦୦ |
| ୧୮ | ସିଡିଏ ଫେଜ୍ ୨ | ୦୦ |
| ୧୯ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୦୯ |
| ୨୦ | ଅନ୍ୟାନ୍ୟ | ୦୨ |
| | ମୋଟ | ୯୨୨ |

ପରିସଂଖ୍ୟାନ ଯାହା ହେଉନା କାହିଁକି, ମାଧ୍ୟମ ଉଭୟ ପରିବାରକୁ ଯୋଡ଼ିବାରେ ବିଶ୍ୱାସ କରେ, ଭାଙ୍ଗିବାରେ ନୁହେଁ। ଯେତେଥର ହେଉନା କାହିଁକି କୌଣସି ଅଭିଯୋଗ କୌଣସି ପ୍ରକାରେ ବନ୍ଦ କରିଦିଆଯାଏ ନାହିଁ। ପ୍ରତିଟି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଥାଏ।

# ସଫଳ କାହାଣୀ

(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି। ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି।)

## ନୂଆ ଜୀବନ ଆରମ୍ଭ

ଏକ ମାଟ୍ରିମୋନିଆଲ ସାଇଟରେ ପୁରୀର ରାକେଶ ଓ କଟକର ରାନୀଙ୍କ ସମ୍ପର୍କ ତାପରେ ବିବାହ। ରାକେଶ ନିଜର ଦକ୍ଷତା ବଳରେ ଛୋଟ ଗାଁଟିରୁ ଆସି ନିଜକୁ ଇଞ୍ଜିନିୟର ଭାବେ ପ୍ରତିଷ୍ଠା କରିଥିଲେ। ବିବାହ ପରେ ରାନୀ, ସ୍ୱାମୀଙ୍କ ସାଙ୍ଗରେ ଚେନ୍ନାଇ ଯାଇଥିଲେ। ସେଠାରେ କିଛି ଦିନ ପରେ ଯେତେବେଳେ ଜଣାପଡିଲା ରାନୀ ଗର୍ଭବତୀ ଅଛନ୍ତି ସେତେବେଳେ ରାକେଶ ତାଙ୍କୁ ଆଣି ତାଙ୍କ ବାପା, ମାଙ୍କ ପାଖରେ ଛାଡିଲେ। ଗାଁରେ ରାନୀଙ୍କ ଦେହ ଖରାପ ହେବାରୁ ସେ କଟକରେ ତାଙ୍କ ବାପା, ମାଙ୍କ ପାଖରେ ରହିଲେ। ପୁଅଟିଏ ଜନ୍ମ ହେଲା ପରେ ବର୍ଷେ ବିତିଗଲା ହେଲେ ରାକେଶ ରାନୀଙ୍କୁ ପାଖକୁ ନେଉନଥିଲେ। ରାନୀ ତାଙ୍କ ବାପାଙ୍କ ଘର ପାଖରେ ଏକ ଘରଭଡା ନେଇ ରହୁଥିଲେ। କିଛି ମାସ ପରେ ରାକେଶ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ କଟକ ଆସିଲେ, ରାନୀ ଖୁସି ହେଉଥିଲେ ଯେ ଏଥର ରାକେଶ ତାଙ୍କୁ ସାଙ୍ଗରେ ନେଇଯିବେ କିନ୍ତୁ ରାକେଶ ତାଙ୍କୁ ନେବା ତ ଦୂରର କଥା ତାଙ୍କ ସାଙ୍ଗରେ କଥାବାର୍ତ୍ତା ବି କଲେ ନାହିଁ। ଏହି କଥାକୁ ନେଇ ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଲା। ରାଗରେ ରାନୀ ନିଜେ ଓ ପୁଅକୁ ଫିନାଇଲ୍ ପିଆଇବାକୁ ଚେଷ୍ଟା କଲାବେଳେ ରାକେଶ ତାଙ୍କୁ ଧକା ମାରି ପୁଅକୁ ନେଇ ଗାଁକୁ ଚାଲିଗଲେ। ତା ପରେ ରାନୀ ପହଞ୍ଚିଲେ 'ମାଧ୍ୟମ'ରେ। ତାଙ୍କ ପୁଅକୁ ଫେରାଇ ଆଣିବା ପାଇଁ ଅନୁରୋଧ କଲେ। ମାଧ୍ୟମର ପରାମର୍ଶଦାତ୍ରୀ ରାକେଶକୁ ଫୋନ କରି ମାଧ୍ୟମକୁ ଡକାଇଲେ। ରାକେଶ ମାଧ୍ୟମରେ ପହଞ୍ଚି, ରାନୀ ଜଣେ ବଦମାସ ଓ ଜିଦିଆ ଝିଅ, ବିବାହ ପରେ ସେ ତା' ବାପାମା'ଙ୍କୁ ଅନେକ ଖରାପ ବ୍ୟବହାର କରିଛନ୍ତି, ଗାଁରେ ନରହି ସବୁବେଳେ ନିଜ ବାପା, ମାଙ୍କ ପାଖରେ ରହିବେ ବୋଲି ଜିଦ କରନ୍ତି ବୋଲି ରାକେଶ ଅଭିଯୋଗ କଲେ।

ଦୁହିଁଙ୍କୁ ଅନେକ ବୁଝାଶୁଝା କରାଗଲା, ବାରମ୍ବାର ମାଧ୍ୟମକୁ ଡକାଇ ଉଭୟଙ୍କ ମଧ୍ୟରେ ସୁ-ସମ୍ପର୍କ କିପରି ସ୍ଥାପନ ହୋଇପାରିବ ସେ ପାଇଁ ଚେଷ୍ଟା କରାଗଲା। ଶେଷରେ ଉଭୟ ନିଜ ନିଜର ଭୁଲ ବୁଝିପାରିଲେ। ଆଉ ଥରେ ନୂଆ କରି ସଂସାର ଗଢିବେ ବୋଲି ପ୍ରତିଶ୍ରୁତି ଦେଲେ ଏବେ ରାକେଶ ଓ ରାନୀ କଲିକତାରେ ପୁଅକୁ ଧରି ଖୁସିରେ ଅଛନ୍ତି। ମାଧ୍ୟମ ପାଖରେ ଚିରଋଣୀ ବୋଲି ଉଭୟ ମତ ଦେଇଛନ୍ତି।

## ହସିଲା ସଂସାର

ଶୈଳବାଳା ମହିଳା ମହାବିଦ୍ୟାଳୟର ପୋଷ୍ଟ ଗ୍ରାଜୁଏଟ୍‌ର ଛାତ୍ରୀ ଶିଖା ଏବଂ ଖ୍ରୀଷ୍ଟ ମହାବିଦ୍ୟାଳୟର ଉଜ୍ଜ୍ୱଳଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେଲା। ବନ୍ଧୁତା ଧିରେ ଧିରେ ପ୍ରେମରେ ବଦଳିଲା। ପାଠ ପଢା ସରିଲା, ଉଭୟ ପ୍ରାଇଭେଟ କମ୍ପାନିରେ ଚାକିରି କଲେ। ବୟସ ହୋଇଯାଇଥିବାରୁ ଉଭୟଙ୍କ ଘରେ ବିବାହ ପାଇଁ ତତ୍ପରତା ଦେଖାଇଲେ। ଉଭୟ ବାଧ୍ୟ ହୋଇ ନିଜ ସମ୍ପର୍କ କଥା ଘରେ କହିଲେ। ୨ଜଣ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ବିବାହରେ ବାଧା ଦେଖାଦେଲା। ପରିବାର ଲୋକ ପ୍ରଥମେ ରାଜି ହେଉନଥିଲେ ପରେ ଏମାନଙ୍କ ପ୍ରେମ ସମ୍ପର୍କ ଦେଖି ବିବାହ ପାଇଁ ସମ୍ମତି ଦେଇଥିଲେ। ହିନ୍ଦୁ ରିତୀନିତୀ ଅନୁଯାୟୀ ବିବାହ ସମ୍ପନ୍ନ ହେଲା, ନିଜର ବ୍ୟବାହର ପାଇଁ ଶିଖା ଶାଶୁ ଘରେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଗଲେ। ଶିଖା ଗର୍ଭବତୀ ହେବାର ଜାଣିବା ପରେ ଶାଶୁ ଘରେ ସମସ୍ତେ ବହୁତ ଖୁସି ହେବା ସହ ଶିଖାଙ୍କର ଉପଯୁକ୍ତ ଯତ୍ନ ନେଲେ। ଶିଖା ଆଉ ଉଜ୍ଜ୍ୱଳଙ୍କର ଝିଅଟି ଜନ୍ମ ହେବା ପରେ ସମସ୍ତେ ବହୁତ ଖୁସି ହେଲେ। ହେଲେ ସେ ଖୁସି ବେଶି ଦିନ ରହିଲା ନାହିଁ। ଝିଅର ଦେହ ବାରମ୍ବାର ଖରାପ ହେଲା, ପରୀକ୍ଷାରୁ ଜଣାପଡିଲା Syndromic Disorder ରୋଗରେ ଝିଅଟି ପୀଡିତା। ଏହାର ଚିକିତ୍ସା ବ୍ୟୟବହୁଳ ଏବଂ ସମୟ ସାପେକ୍ଷ। ଶିଖାକୁ ସବୁ ସମୟରେ ଝିଅକୁ ଧରି ଡାକ୍ତରଖାନା ଓ ଡାକ୍ତରଙ୍କ ପାଖକୁ ଦୌଡିବାକୁ ପଡିଲା। ଝିଅର ଚିକିତ୍ସାରେ ଅନେକ ଅର୍ଥ ବ୍ୟୟ ହେବା ସହ ଶାରୀରିକ ପରିଶ୍ରମ ବି କରିବାକୁ ପଡୁଥିଲା ହେଲେ ଝିଅର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉନଥିଲା। ଶିଖା ଭାଙ୍ଗି ପଡିଲେ, ତାଙ୍କ ମାନସିକ ସ୍ଥିତି ଭଲ ରହିଲା ନାହିଁ। ବେଳେ ବେଳେ ସେ ଡାକ୍ତରଖାନାରେ ଝିଅକୁ ଛାଡି କୁଆଡେ ଚାଲିଯାଉଥିଲେ। ଉଜ୍ଜ୍ୱଳକୁ ଶିଖାକୁ ଖୋଜି ଆଣିବାକୁ ପଡୁଥିଲା। ଆର୍ଥିକ ସମସ୍ୟା ସାଙ୍ଗକୁ ଝିଅର ଦେହ ଖରାପ, ଶିଖାଙ୍କ ବ୍ୟବହାର ସବୁ ମିଶି ଉଜ୍ଜ୍ୱଳକୁ ଭାରାକ୍ରାନ୍ତ କରିଦେଉଥିଲା, ତେଣୁ ସେ ନିଜର ମାନସିକ ଭାରସାମ୍ୟ ହରାଇ ଶିଖାକୁ ଗାଳିଗୁଲଜ କରିବା ସହ ମାଡ ମାରୁଥିଲେ। ଏ ପରିସ୍ଥିତିରେ ସାଲିସ ନକରି ଶିଖା ତାଙ୍କ ବାପା, ମାଙ୍କ ପାଖକୁ ଚାଲିଆସିଲେ ଝିଅକୁ ସାଙ୍ଗରେ ଆଣିଲେ ନାହିଁ। ଚାଲି ଆସିଲେ ସତ ହେଲେ ଝିଅଠୁ ଅଧିକ ଦିନ ଦୂରରେ ରହିପାରିଲେନାହିଁ। ମାଧ୍ୟମ ବିଷୟରେ ଶୁଣି ସେ ଆସିଲେ, ପୁର୍ନବାର ସେ ତାଙ୍କ ପରିବାରକୁ ଫେରିବାକୁ ଚାହୁଛନ୍ତି ବୋଲି ମାଧ୍ୟମରେ ଜଣାଇଲେ। ଏ ବିଷୟରେ ଶିଖାର ଶଶୁର ଘର ଲୋକଙ୍କୁ ଜଣାଇଦିଆଗଲା। ସମସ୍ତଙ୍କୁ ଏକାଠି ବସାଇ ସମସ୍ୟା ସମାଧାନ ପାଇଁ ମାଧ୍ୟମ ତରଫରୁ ସତଚେଷ୍ଟା କରାଗଲା। ଯାହେଉ ଉଭୟ ପରିବାର ବିଶେଷ କରି ଶିଖାର ସ୍ୱାମୀ ଉଜ୍ଜ୍ୱଳ ଶିଖାକୁ ସାଙ୍ଗରେ ନେବାପାଇଁ ରାଜି ହେଲେ। ଶିଖା ବି ପ୍ରତିଶ୍ରୁତି ଦେଲେ ସେ ତାଙ୍କର ମାନସିକ ସ୍ଥିତିକୁ ସଜାଡି ଝିଅର ସମସ୍ତ ଦାୟୀତ୍ୱ ନେବେ।

ଗୃହ ପରିଦର୍ଶନ ବେଳେ ଜଣାପଡିଛି ଶିଖା ଓ ଉଜ୍ଜ୍ୱଳ ବହୁତ ଖୁସିରେ ଅଛନ୍ତି। ମାଧ୍ୟମ ପାଇଁ ଆଜି ସେମାନେଙ୍କ ସଂସାର ସଜାଡି ହୋଇଛି ବୋଲି କହି ମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।

## ସମୟ ସୁଅରେ ଜୀବନ

ଇନ୍ଦୁ ଓ ସଚ୍ଚିଦାନନ୍ଦ ଉଭୟ ପେଶାରେ ଓକିଲ । ବିବାହର ଦଶବର୍ଷ ପରେ ବି ଉଭୟ ଉଭୟଙ୍କୁ ବହୁତ ଭଲ ପାଉଥିଲେ । ଇନ୍ଦୁଙ୍କ ବାପା ମାଙ୍କର ସଚ୍ଚିନାନନ୍ଦ ଏପରି ଯତ୍ନ ନେଉଥିଲେ ଯେ ସେମାନେ ଜ୍ୱାଇଁଙ୍କୁ ପୁଅ ବୋଲି ମନେ କରୁଥିଲେ । ପୁଅ ଓ ଝିଅଙ୍କୁ ନେଇ ତାଙ୍କ ପରିବାର । ପୁଅଟି ଜନ୍ମ ବେଳେ Cerebral Palsy ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲା । ଚିକିତ୍ସା ଦ୍ୱାରା ଧିରେ ଧିରେ ସୁସ୍ଥ ହୋଇ ଏବେ ଗୁରୁକୁଳରେ ପାଠ ପଢୁଛି । ନିଜ ଘରେ ସେମାନେ ବେଶ ଖୁସିରେ ରହୁଥିଲେ । ଇତି ମଧ୍ୟରେ ଇନ୍ଦୁ ଓକିଲାତି ଛାଡି କୋର୍ଟରେ ଚାକିରିରେ ଯୋଗଦାନ କରିଛନ୍ତି । ସବୁ କିଛି ଠିକ ଠାକ ଚାଲିଥିବା ବେଳେ ସଚ୍ଚିଦାନନ୍ଦଙ୍କ ବ୍ୟବହାରରେ ପରିବ ର୍ନ ଆସିଲା । ଛୋଟ ଛୋଟ କଥାକୁ ଆଳ କରି ଘରେ ଝଗଡା ଆରମ୍ଭ କଲେ । ଇନ୍ଦୁଙ୍କର ଅଫିସରୁ ଆସିବାରେ ବିଳମ୍ବ ହେଲେ ତାଙ୍କୁ ସନ୍ଦେହ କରି ଇନ୍ଦୁଙ୍କୁ ଗାଳିଗୁଲଜ କଲେ । ଇନ୍ଦୁଙ୍କ ବାପା, ମାଙ୍କୁ ଘରୁ ତଡିଦେଲେ । ବହୁତ ଦୁଃଖ ଭିତରେ ଇନ୍ଦୁ ଜୀବନ ବିତାଉଥାନ୍ତି । ଥରେ ସଚ୍ଚିଦାନନ୍ଦ ମାଡ ମାରି ଇନ୍ଦୁଙ୍କୁ ରକ୍ତାକ୍ତ କରିଦେଲେ, ତାଙ୍କୁ ଗୋଟିଏ ଘରେ ଚାବି ପକାଇଦେଇ ଚାଲିଗଲେ । ଇନ୍ଦୁ ବହୁତ କଷ୍ଟରେ ଘରୁ ଲୁଚି ଆସି 'ମାଧ୍ୟମ' ଅଫିସରେ ପହ ୍ଲେ । ତାଙ୍କ ଠାରୁ ସମସ୍ତ କଥା ଶୁଣିବା ପରେ ତାଙ୍କ ସ୍ୱାମୀଙ୍କୁ ମାଧ୍ୟମ ଅଫିସକୁ ଡକାଯାଇଥିଲା । ସଚ୍ଚିଦାନନ୍ଦ ଯେତେବେଳେ ଆସିଲେ ବହୁତ ରାଗିଥିଲେ । ତାଙ୍କୁ ଶାନ୍ତ କରିବା ପାଇଁ ସମୟ ଲାଗିଲା । ଇନ୍ଦୁଙ୍କ ବିରୋଧରେ ଅଭିଯୋଗ ମାନ କହିବାକୁ ଲାଗିଲେ, ଇନ୍ଦୁ ଅଫିସରୁ ଡେରିରେ ଫେରନ୍ତି, ପୁରୁଷ ବନ୍ଧୁଙ୍କ ସାଙ୍ଗରେ କଥାବା ର୍ା ହୁଅନ୍ତି ଇତ୍ୟାଦି । ଉଭୟଙ୍କ ସାଙ୍ଗରେ କଥାବା ର୍ା ହେବାରୁ ଜଣା ପଡିଲା ସଚ୍ଚିଦାନନ୍ଦ ଜଣେ ମତିଭ୍ରମ ରୋଗରେ ଆକ୍ରାନ୍ତ ବ୍ୟକ୍ତି । କଥାକଥାରେ ସ୍ତ୍ରୀକୁ ସନ୍ଦେହ କରନ୍ତି । ଆଉ ସନ୍ଦେହ ଏପରି ଏକ ରୋଗ ତାକୁ ଦେହରୁ ବାହାର କରିବା ବଡ଼ କଷ୍ଟ । ତେବେ ଆମର କାଉନସେଲିଂ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଜାରି ରଖିଥିଲୁ । କିଛିଦିନ ପରେ କାଉନସେଲିଂରେ ତାଙ୍କ ପରିବାରଲୋକଙ୍କୁ ସାମିଲ୍ କରାଗଲା । ତା'ପରେ ଦେଖାଗଲା ତାଙ୍କ ବ୍ୟବହାରରେ କିଛି ପରିବର୍ତ୍ତନ ହେଉଛି । ସେ ତା'ଙ୍କ ଆତ୍ମ ଇନ୍ଦୁ ବିଷୟରେ ବିଭିନ୍ନ ସକରାତ୍ମକ କଥାବାର୍ତ୍ତା କରୁଛନ୍ତି । ଆଉ ଇନ୍ଦୁ ମଧ୍ୟ ସ୍ୱାମୀଙ୍କର ଏ ପରିବର୍ତ୍ତନରେ ଖୁସି ହେଉଛନ୍ତି । ଏବେ ସ୍ୱାମୀ ସ୍ତ୍ରୀ ପିଲା ଏକାଠି ଖୁସିରେ ରହୁଛନ୍ତି, ଦେଖିବା ଆଗକୁ କ'ଣ ହେଉଛି ?

## ଝିଅଟିଏ... ରତ୍ନଟିଏ

ଆମେ ତିନି ଭଉଣୀ, ,ମୋ ବାପା, ମା କେବେ ପୁଅର ଅଭାବବୋଧ ଅନୁଭବ କରିନାହାନ୍ତି କିମ୍ବା ଆମେ ଝିଅ ପୁଅଙ୍କ ଠାରୁ ଉଣା ବୋଲି ଭାବିନଥିଲୁ । ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାଣବରଣରେ ବଢିଥିବାରୁ ମୁଁ, ଯେତେବେଳେ ବିବାହ ପରେ ଝିଅଟି ଜନ୍ମ କଲି ମୋତେ କିଛି ଫରକ ପଡ଼ିଲା ନାହିଁ ଝିଅ କି ପୁଅ ବୋଲି । କହିଲେ ଜୟଶ୍ରୀ ।

ଜୟଶ୍ରୀ ଦେଖିବା ପାଇଁ ସୁନ୍ଦରୀ, ଯୁକ୍ତ ୨ ପଢିବା ବେଳେ ତାଙ୍କ ବାପା ଭଲ ଘର, ଧନ ସମ୍ପ ି ଦେଖି ତାଙ୍କୁ ବିବାହ ଦେଇଥିଲେ । ସ୍ୱାମୀ ପ୍ରତାପଚନ୍ଦ୍ରଙ୍କୁ ନେଇ ଏକ ସୁଖସଂସାରର ସ୍ୱପ୍ନ ଦେଖିଥିଲେ ଜୟଶ୍ରୀ । ଭରପୁର ପରିବାର, ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ । ଜୟଶ୍ରୀଙ୍କର ଝିଅଟିଏ ଜନ୍ମ ହେଲା, ସେ ବହୁତ ଖୁସି ହେଲେ । କିନ୍ତୁ ତାଙ୍କ ଖୁସି ପାଣି ଫୋଟକା ପରି ମିଳାଇଗଲା ଯେତେବେଳେ ସେ ଦେଖିଲେ ସ୍ୱାମୀ, ଶାଶୁ, ଶ୍ୱଶୁର ସମସ୍ତେ ତାଙ୍କ ସହ ଝିଅକୁ ଅବହେଳା କରୁଛନ୍ତି କାରଣ ସେମାନେ ପୁଅ ଚାହୁଁଥିଲେ । ପୁଅ ଆଶାରେ ଶ୍ୱଶୁର ଘର ଲୋକେ ବିଭିନ୍ନ ତନ୍ତ୍ରମନ୍ତ୍ର, ବାବାଙ୍କ ସାହାର୍ଯ୍ୟ ନେଲେ, ଯାହା ଜୟଶ୍ରୀ ଗ୍ରହଣ କରି ପାରୁନଥିଲେ । ଜୟଶ୍ରୀ ଦ୍ୱିତୀୟ ସନ୍ତାନ ନଚାହୁଁଥିଲେ ବି ତା'ଙ୍କୁ ବାଧ୍ୟ କରାଯାଇଥିଲା । ଦ୍ୱିତୀୟ ସନ୍ତାନ ବି ଝିଅ ହେଲା । ଅବହେଳା ଯୋଗୁ ଜୟଶ୍ରୀ ଦୁର୍ବଳ ହୋଇଯାଇଥିଲେ । ଦିନକୁ ଦିନ ତାଙ୍କ ଉପରେ ନିର୍ଯ୍ୟାତନା ବଢି ଚାଲିଲା । ଖାଲି ଗାଳି ନୁହେଁ ପ୍ରତାପ ତାଙ୍କୁ ମାଡ ବି ମାରୁଥିଲେ । ସଂପର୍କୀୟ ପୋଲିସ ଅଫିସରଙ୍କ ଠାରୁ ମାଧ୍ୟମ ବିଷୟରେ ଜାଣି ସେ ମାଧ୍ୟମରେ ପହ ୍ଲେ । ସମସ୍ତ ବିଷୟ ଶୁଣିଲା ପରେ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ ମାନଙ୍କୁ ଡକାଇ ବୁଝାସୁଝା କରାଗଲା ।

ପୁଅ, ଝିଅ ଜନ୍ମ ହେବା ପାଇଁ ପୁରୁଷ ହିଁ ଦାୟୀ ଏକଥା ପ୍ରତାପଙ୍କୁ ବୁଝାଇବାକୁ ସମୟ ଲାଗିଲା । ବାରମ୍ବାର ମାଧ୍ୟମକୁ ଡକାଯାଇ ବୁଝାଯିବା ପରେ ପ୍ରତାପଙ୍କ ମନରୁ ପୁଅ, ଝିଅ ଭେଦଭାବ ଦୂର ହୋଇଥିଲା । ସେ ତାଙ୍କ ଭୁଲ ବୁଝିପାରିଲେ । ଏବେ ସେ ତାଙ୍କ ସ୍ତ୍ରୀ ପ୍ରତି କରିଥିବା ଅନ୍ୟାୟ ପାଇଁ ଅନୁତାପ କଲେ । ପ୍ରତାପ ଓ ଜୟଶ୍ରୀ ପୁଣି ଏକାଠି ହୋଇ ନୂଆ ସଂସାର ଆରମ୍ଭ କଲେ । ପ୍ରତାପ ମାଧ୍ୟମ ପାଖରେ ଚିରଋଣୀ ଏବଂ ମାଧ୍ୟମ ଆସିବାରୁ ତାଙ୍କ ଆଖି ଖୋଲିଗଲା ଓ ସେ ତାଙ୍କ ସଂସାର ଫେରି ପାଇଲେ ବୋଲି କୁହନ୍ତି................

# ପୋଲିସ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ମହିଳା ହିଂସା ଓ ତାହାର ପ୍ରତିକାର ବିଷୟକୁ ନେଇ ପ୍ରଶ୍ନୋ  ର ଭି  କ ଆଲୋଚନା

ମାଧ୍ୟମ- କଟକ ଓ ଭୁବନେଶ୍ୱର କେନ୍ଦ୍ର ତରଫରୁ ପ୍ରତ୍ୟେକ ମାସରେ ଏକ ନିର୍ଦ୍ଦିଷ୍ଟ ଅ  ଳର ବସ୍ତୀବାସିନ୍ଦା ମାନଙ୍କୁ ନେଇ ବିଶେଷତଃ ମହିଳା ଏବଂ ସ୍ଥାନୀୟ ଥାନାର ପୋଲିସ ଅଧିକାରୀ ଓ ସେହି ୱାର୍ଡର କରପୋରେଟରଙ୍କୁ ନେଇ ଏକ ପ୍ରଶ୍ନୋ  ର ଭି  କ ଆଲୋଚନା ଚକ୍ରର ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମନରୁ ପୋଲିସ ପ୍ରତିଥିବା ଅହେତୁକ ଭୟ ଓ ନକରାତ୍ମକ ଚିନ୍ତାଧାରାକୁ ଦୂରକରି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା। ସାଧାରଣ ଜନତା ବିଶେଷ କରି ମହିଳାମାନେ ଯେଉଁମାନେ କି ଘର ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାରର ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି ସେମାନେ କାହାକୁ





କହିବେ ଓ କେଉଁଠିକୁ ଯିବେ ଜାଣିନାହାନ୍ତି। ସେହିମାନଙ୍କ ଅବଗତ ନିମନ୍ତେ ଏଭଳି କାର୍ଯ୍ୟକ୍ରମ ବେଶ୍ ଫଳପ୍ରଦହେଉଛି।

ଏତତ୍ ବ୍ୟତୀତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଜନତା ଥାନାକୁ ଯିବା ପରିବର୍ େ ସ୍ଥାନୀୟ ଥାନାର ପୋଲିସ ଅଧିକାରୀ ସେମାନଙ୍କ ଅ  ଳକୁ ଆସିଥାନ୍ତି ଏବଂ ସିଧାସଳଖ ପ୍ରଶ୍ନୋ  ର ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିଗତ, ପାରିବାରିକ ତଥା ନିଜ ଅ  ଳର ଗୋଷ୍ଠୀଗତ ସମସ୍ୟା ବିଷୟରେ ପୋଲିସ କ ୃପକ୍ଷଙ୍କ ଦୃଷ୍ଟିଗୋଚର କରିଥାନ୍ତି। ଏହିପରି ବିଭିନ୍ନ ବସ୍ତୀ ଅ  ଳରେ ବିଭିନ୍ନ ପ୍ରକାରର ସମସ୍ୟା ଆଲୋଚନାରୁ ବାହାରିକି ଆସିଥାଏ। ଏସବୁର ପ୍ରତିକାର ପାଇଁ ସ୍ଥାନୀୟ ପୋଲିସ, ମାଧ୍ୟମର କର୍ମକ ୍ା ତଥା ସେ ଅ  ଳର କରପୋରେଟର୍ ଓ ସ୍ୱେଚ୍ଛାସେବୀ ସଂସ୍ଥା କେଉଁ ପ୍ରକାରର ପଦକ୍ଷେପ ନେଇପାରିବେ ଅଥବା କି ପ୍ରକାରର ସୁବିଧା ସୁଯୋଗ ଦେଇପାରିବେ ସେମାନଙ୍କୁ ଅବଗତ କରାଯାଇଥାଏ।

ପର୍ଯ୍ୟାୟକ୍ରମେ ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ଇନଫୋସିଟି ଥାନା ଅନ୍ତର୍ଗତ ୱାର୍ଡ ନଂ ୧ ଓ ୨ ର ଶୀଖରଚଣ୍ଡୀ ବସ୍ତୀ, ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ୱାର୍ଡ ନଂ-୮ ର ରାଧାକୃଷ୍ଣ ବସ୍ତୀ ଓ ହାଟ ବସ୍ତୀ , ୱାର୍ଡ ନଂ- ୧୩ ର ନୀଳମାଧବ ବସ୍ତୀ, ମେ  ଶ୍ୱର ଥାନା ଅନ୍ତର୍ଗତ ୱାର୍ଡ ନଂ-୧୯ର କିମ୍ବିରିଆ ବସ୍ତୀ ଏବଂ ୱାର୍ଡ ନଂ- ୧୨ର ଧିରୀକୁଟି ବସ୍ତୀ, ଶହୀଦନଗର ଥାନା ଅନ୍ତର୍ଗତ ୱାର୍ଡ ନଂ- ୨୯ର ୟୁନିଟ୍-୯ ବସ୍ତୀ , ୱାର୍ଡ ନଂ-୨୮ର ସାଇନ୍ସ ପାର୍କ ବସ୍ତୀ, ୱାର୍ଡ ନଂ- ୩୦ର ଶହୀଦନଗର ବସ୍ତୀ, ୱାର୍ଡ ନଂ-










୩୪ର ଶାନ୍ତିପଲ୍ଲୀ ବସ୍ତୀ, ୱାର୍ଡ ନଂ – ୩୫ର ବାୟାବାବା ବସ୍ତୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ୱାର୍ଡ ନଂ- ୩୭ର ସ୍ୱିଧାପଲ୍ଲୀ ବସ୍ତୀ, ୱାର୍ଡ ନଂ- ୩୯ର କଲ୍ୟାଣୀ କୃଷ୍ଣନଗର ବସ୍ତୀ ଏବଂ ବାଲିତୋଟା ସାହି , ୱାର୍ଡ ନଂ- ୨୫ର ଆଇ.ଆର.ସି ଭିଲେଜ୍ ବସ୍ତୀ, ୱାର୍ଡ ନଂ- ୧୫ର ସ୍ୱାଧିନ ନଗର ବସ୍ତୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ୱାର୍ଡ ନଂ- ୨୨ର ଭରତପୁର ବସ୍ତୀ, ୱାର୍ଡ ନଂ- ୨୩ର ସରଧାପଲ୍ଲୀ ବସ୍ତୀ, କ୍ୟାପିଟାଲ ଥାନା ଅନ୍ତର୍ଗତ ୱାର୍ଡ ନଂ-୫୩ର ଝରଣା ବସ୍ତୀ, ୱାର୍ଡ ନଂ-୪୬ର ପିଚୁ ପଡିଆ ବସ୍ତୀ ଏବଂ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ୱାର୍ଡ ନଂ-୪୨ର ହଳଦି ପଡିଆ ବସ୍ତୀ ଆଦି ଭୁବନେଶ୍ୱରରେ ଏବଂ କଟକର ମାଲଗୋଦାମ ଥାନା ଅନ୍ତର୍ଗତ ୱାର୍ଡ ନଂ- ୪୦ର ମାଲଗୋଦାମ ବସ୍ତୀ ଏବଂ କ୍ୟାନଟେନମେ ୍ ଥାନା ଅନ୍ତର୍ଗତ ୱାର୍ଡ ନଂ-୧୭ ପଟ୍ଟାପୋଲ ବସ୍ତୀ ଆଦି ଅ ଳରେ ଏହି ଭଳି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି।

## ଛାଡପତ୍ର ବିଷୟରେ କେତୋଟି ଜାଣିବା କଥା

୧. ଛାଡପତ୍ର ପାଇଁ ସିଭିଲ ଜଜ୍, ସିନିୟର ଡିଭିଜନ କୋର୍ଟ ଏବଂ ପାରିବାରିକ ଅଦାଲତରେ ଆବେଦନ କରାଯାଏ।

୨. ବିବାହ ବିଚ୍ଛେଦଦରଖାସ୍ତ ବିବାହର ଅନ୍ୟୁନ ୧ ବର୍ଷ ଅତିକ୍ରମ ପରେ ହିଁ କରାଯାଇପାରିବ।

୩. ଦରଖାସ୍ତ ଆବେଦନକାରୀ ନିଜେ ବା ଓକିଲ ମାଧ୍ୟମରେ ନିମ୍ନଲିଖିତ ସ୍ଥାନ ମାନଙ୍କରେ ଆବେଦନ କରିପାରିବେ-

- **ଯେଉଁଠାରେ ବିବାହ ସଂଘଟିତ ହୋଇଥିଲା।**
- **ଯେଉଁଠାରେ ସ୍ୱାମୀ ସ୍ତ୍ରୀ ଏକାଠି ବାସ କରୁଥିଲେ।**
- **ଯେଉଁଠାରେ ଅପର ପକ୍ଷ ବାସ କରନ୍ତି।**
- **ଯେଉଁଠାରେ ଦରଖାସ୍ତ ଉପସ୍ଥାପିତ କରୁଥିବା ପକ୍ଷ ବାସ କରନ୍ତି।**
- **ଯେଉଁଠାରେ ଦରଖାସ୍ତ ଉପସ୍ଥାପିତ କରୁଥିବା ପକ୍ଷ ବାସ କରନ୍ତି।**

୪. ଯଦି ଜଣେ ଚାହାନ୍ତି ତେବେ ଅଦାଲତ ତାଙ୍କ ବକ୍ତବ୍ୟ ରୁଦ୍ଧ ଦ୍ୱାରା ଭିତରେ ମଧ୍ୟ ଶୁଣିବାର ବ୍ୟବସ୍ଥା ରହିଛି।

୫. ଛାଡପତ୍ର ମଧ୍ୟ ପାରସ୍ପାରିକ ସହମତି (Mutual Divorce) ପ୍ରକ୍ରିୟାରେ ହୋଇପାରେ। ଏଥିପାଇଁ ଉଭୟପକ୍ଷ ଅଦାଲତରେ ଆବେଦନ କରିପାରିବେ ଓ ମାନ୍ୟବର ଅଦାଲତ ୬ମାସ ପରେ ଆବେଦନକୁ ବିଚାରକୁ ନେଇ ବିଚ୍ଛେଦପାଇଁ ଦର୍ଶାଯାଇଥିବା କାରଣ ଗୁଡିକରେ ଦୃଢ ପରିକର ହେଲେ ଛାଡପତ୍ର ପାଇଁ ରାୟ ନେଇଥାନ୍ତି।

୬. ଛାଡପତ୍ର ପାଇବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ବିବାହ ଜନିତ ଦାୟୀତ୍ୱରୁ ମୁକ୍ତ ହେବା ସହିତ ଏହାପରେ ପୁର୍ନଃ ବିବାହ କରିପାରିବେ।

୭. ଯଦି ମହିଳାଟି ନିଜକୁ ଚଳାଇବା ପାଇଁ ସମ୍ବଳ ନଥାଏ ତେବେ ସେ ତାର ଜୀବନଧାରଣାରେ ଆବଶ୍ୟକତା ପୁରଣ ପାଇଁ ସ୍ୱାମୀଠାରୁ ସ୍ଥାୟୀ ଭରଣପୋଷଣ ବା ସ୍ଥାୟୀ ବୈବାହିକ ଦେୟ ପାଇବା ପାଇଁ ହକଦାର ହୋଇଥାଏ। କିନ୍ତୁ ସ୍ତ୍ରୀର ଜୀବନଧାରଣ ସମ୍ବଳଥିଲେ ବା ପୁର୍ନ ବିବାହ କଲେ ଏଥିରୁ ନିବୃତ୍ତ ହୋଇଥାଏ।

# GLIMPSES...























**For more information contact-**

**Maadhyam**

**BHUBANESWAR**
Office of the Deouty Commissioner of Police
Vani Vihar Square
Ph: 9348116021
E-mail:maadhyambbsr@isdbbsr.org

**CUTTACK**
Mahila Police Station, Buxibazar
Ph: 9348110074
E-mail:maadhyamctc@isdbbsr.org

ISD
*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org

**Supported by**

CLAP
HUNGRY FOR JUSTICE

CLAP - Legal Service Institute
Bimala Devi Memorial Building
367, Markat Nagar, Sector-6
Cuttack-753014,
Ph. : 0671-2363980